# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ରାଜକୁମାର ମେଷପାଳକ ହେଲା


ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଅନୁବାଦକ: Prasanta Bhuyan

ଉପଯୋଜକ: E. Frischbutter; Sarah S.


କାହାଣି ୬୦ ରୁ ୯୦


www.M1914.org

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ Oriya



ଦିନେ ମୋଶା ଦେଖିଲେ ଯେ ଜଣେ ମିଶ୍ରିୟ ଲୋକ ଏକ ଏବ୍ରୀୟଙ୍କୁ ଅତ୍ୟାଚାର କରୁଥିଲେ । ମୋଶା ରାଜପରିବାରରେ ରହି ଓ ଶିକ୍ଷାଲାଭ କରି ରାଜକୁମାର ଭାବେ ଫାରୋଙ୍କ ସ୍ଥାନରେ ବଢ଼ିଥିଲେ ମଧ୍ୟ ସେ ଏକ ଏବ୍ରୀୟ ଥିଲେ । ତାଙ୍କୁ ସେହି ଦାସର ସାହାଯ୍ୟ କରିବା ଦରକାର ।





ଚାରିଆଡ଼େ ଅନାଇ ଦେଖି କେହି ଦେଖୁନାହାନ୍ତି ଜାଣି ମୋଶା ସେହି ନିର୍ଦୋୟ କାର୍ଯ୍ୟଶାସକଙ୍କୁ ଆକ୍ରମଣ କରି ବଧ କଲେ । ଶିଘ୍ର ସେହି ମିଶ୍ରୀୟର ଶରରକୁ ଶରିରକୁ ।


ତହିଁ ଆରଦିନ ମୋଷା ଦୁଇ ଏବ୍ରୀୟଙ୍କୁ ତର୍କ କରୁଥିବା ଦେଖିଲେ । ସେ ସେମାନଙ୍କୁ ନିଜ ମଧ୍ୟରେ ଯୁକ୍ତି ନ କରିବାକୁ କହିଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା, ତୁମେ କି ମୋତେ ମଧ୍ୟ ସେହି ମିଶ୍ରୀୟ ପରି ମାରିଦେବାକୁ ଯୋଜନା କରୁଅଛ, ମୋଶା ଭୟଭିତ ହେଲେ । ପୂର୍ବଦିନ କଥା ସମସ୍ତେ ଜାଣିଥିଲେ । ଫାରୋ ମଧ୍ୟ ଜାଣିଥିଲେ । ମୋଶାଙ୍କୁ ନିଜ ଜୀବନ ବଞ୍ଚାଇବାକୁ ଦେଶତ୍ୟାଗ କରିବାକୁ ପଡ଼ିଲା, ସେ ମିଦିୟନ୍ ନାମକ ଦେଶକୁ ଗଲେ ।
3


ଯେତେବେଳେ ମୋଶା ଏକ କୂପ ନିକଟରେ ବିଶ୍ରାମ କଲେ, ଏହି ଦେଖ ସାତ କନ୍ୟା ତାଙ୍କ ପିତା ଯେ କି ମିଦିୟନ୍ ଦେଶରେ ଏକ ଯାଜକ ଥିଲେ ତାଙ୍କର ମେଷପଲ ନେଇ ସେହି କୂପ ନିକଟକୁ ଆସିଲେ ।
4


ଅନ୍ୟ ମେଷପାଳକମାନେ ସେମାନଙ୍କୁ ସେଠାରୁ ଆଡ଼େଇଦେଲେ, ସେହି ସମୟରେ ମୋଶା ସେମାନଙ୍କୁ ରକ୍ଷା ଓ ସାହାଯ୍ୟ କଲେ ।
5


ତୁମ୍ଭେମାନେ ଆଜି ଅତି ଶିଘ୍ର ଫେରି ଆସିଲ, ତାଙ୍କର ପିତା ରୟେଲ୍ ଅବାକ୍ ହୋଇ ସେମାନଙ୍କୁ ପଚ଼ାରିଲେ । ଯେତେବେଳେ ସେମାନ ମୋଶାଙ୍କ ବିଷୟରେ କହିଲେ,
ସେହି ମନୁଷ୍ୟକୁ ଗୃହକୁ ଆଣ, ତାଙ୍କ ପିତା ସେମାନଙ୍କୁ କହିଲେ ।
6


ମୋଶା ରୟେଲ୍‌ଙ୍କ ସହିତ ବାସ କଲେ ଯାହାକୁ ଜୀଥ୍ରୋ ମଧ୍ୟ କୁହାଯାଉଥିଲା । ପରେ, ମୋଶା ରୟେଲଙ୍କର ଜ୍ୟଷ୍ଠକନ୍ୟାଙ୍କୁ ବିବାହ କଲେ ।
7


ମିଶର ଦେଶରେ, ଫାରୋଙ୍କର ମୃତୁ ହେଲା । ଏବେମଧ୍ୟ ସଦାପ୍ରଭୁଙ୍କ ଲୋକମାନେ,
ଅବ୍ରୀୟମାନେ ଦାସତ୍ୱ ଜୀବନ ଯାପନ କରୁଥିଲେ ।
8


ସେମାନେ ନିଜର ଦୁଃଖ ନିମନ୍ତେ
କିପରି କାନ୍ଦିଲେ, ସାହାଯ୍ୟ ପାଇଁ
କିପରି ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ,
ସଦାପ୍ରଭୁ ସେମାନଙ୍କର
ପ୍ରାର୍ଥନା ଶ୍ରବଣ କଲେ ।
9


ମୋଶା ଏ ବିଷୟରେ କିଛି ଜାଣିନଥିଲେ, କିନ୍ତୁ ସଦାପ୍ରଭୁ ମୋଶାଙ୍କ
ଦ୍ୱାରା ଦାସତ୍ୱରେ ଥିବା ଏବ୍ରୀୟମାନଙ୍କୁ ଉଦ୍ଧାର କରିବାକୁ ଯୋଜନା
କରିଥିଲେ । ମୋଶାଙ୍କୁ ମିଶରଦେଶ ଛାଡ଼ି ଚ଼ାଲିଯିବାର
ଚ଼ାଳିଶ ବର୍ଷ ବିତିଗଲା । ସେ ରୟେଲଙ୍କର ମେଷପଲ
ଚ଼ରାଉଥିଲେ । ମାତ୍ର ନିଶ୍ଚିତ ଭାବରେ ସେ ମିଶରରେ
ଥିବା ନିଜଲୋକମାନଙ୍କୁ ମନେ ପକାଇଥିବେ ।
10


ଏକ ସମୟରେ ମୋଶା ଦେଖିଲେ ଯେ ଗୋଟିଏ
ବୁଦା ନିଆଁରେ ଜଳୁଅଛି । ମାତ୍ର ସେହି ବୁଦାଟି
ନଷ୍ଟ ହେଉନାହିଁ । ମୋଶା ଦେଖିବାକୁ ଚ଼ାହିଁଲେ,
କାହିଁକି ବୁଦାଟି ଦଗ୍ଧ ହେଉନାହିଁ ।
11


ଯେତେବେଳେ ମୋଶା ପାଖକୁ ଗଲେ, ସେତେବେଳେ ପରମେଶ୍ୱର ବୁଦା ମଧ୍ୟରୁ ତାଙ୍କୁ ଡାକି
କହିଲେ, ହେ ମୋଶା, ତହିରେ ସେ କହିଲେ ଏହି ଦେଖ ମୁଁ ଉପସ୍ଥିତ । ପରମେଶ୍ୱର କହିଲେ
ପାଖକୁ ଆସନାହିଁ, ତୁମ୍ଭର ପାଦୁକା କାଢ଼ିପକାଅ କାରଣ ତୁମ୍ଭେ ଯେଉଁ ସ୍ଥାନରେ ଛିଡ଼ାହୋଇଅଛ
ତାହା ପବିତ୍ରସ୍ଥାନ ।
12


ଆମ୍ଭେ ତୁମ୍ଭକୁ ଫାରୋ ନିକଟକୁ ପ୍ରେରଣ କରିବା ଯେପରି ତୁମ୍ଭେ
ସେମାନଙ୍କୁ ମିଶରରୁ ବାହାର କରି ଆଣିବ, ପରମେଶ୍ୱର କହିଲେ । ମାତ୍ର
ମୋଶା ଯିବାକୁ ଭୟ କଲେ ।
13


ପରମେଶ୍ୱର ମୋଶାଙ୍କୁ ନିଜର ମହାଶକ୍ତି ଦେଖାଇଲେ ।
ସେ ମୋଶାଙ୍କ ଯଷ୍ଠିକୁ ସର୍ପରେ ପରିଣତ କଲେ ।
14

ଯେତେବେଳେ ମୋଶା ସେହି ସର୍ପକୁ ତାର ଲାଞ୍ଜରୁ ଉଠାଇଲେ ତାହା ପୁନର୍ବାର ଯଷ୍ଠି ହୋଇଗଲା ।
ପରମେଶ୍ୱର ଅନ୍ୟଏକ ଚ଼ିହ୍ନ ଦେଲେ ।



15

ତୁମ୍ଭେ ଆପଣା ହସ୍ତ ନିଜ ବକ୍ଷସ୍ଥଳରେ ଦିଅ, ପରମେଶ୍ୱର କହିଲେ । ମୋଶା ତାହା କଲେ ।
ତାଙ୍କର ହସ୍ତ ହିମବର୍ଣ୍ଣ ତୁଲ୍ୟ କୁଷ୍ଟଯୁକ୍ତ ହେଲା ।



16

ଯେତେବେଳେ ସେ ପୁନର୍ବାର ସେପରି କଲେ, ତାହାର ହାତ ସୁସ୍ଥ ହୋଇଥିଲା ।



17

ମୋଶା କିନ୍ତୁ ପୁନର୍ବାର ପରମେଶ୍ୱରଙ୍କୁ କହିଲେ, ହେ ପ୍ରଭୁ ମୁ ବାକ୍ୟପତି ନୁହେଁ, ମୁ ବାକ୍ୟରେ
ଧିର ଓ ଜଡ଼ଜିହ୍ୱ ଅଟେ । ପରମେଶ୍ୱର କ୍ରୋଧିତ ହେଲେ । ମୁଁ ତୁମ୍ଭର ଭାଇ ହାରୋଣଙ୍କୁ
ତୁମ୍ଭନିମନ୍ତେ କଥା କହିବା ପାଇଁ ବ୍ୟବହାର କରିବି, ସେ ତୁମ୍ଭ ମୁଖର ବାକ୍ୟ ଲୋକମାନଙ୍କୁ
କହିବ ।



18

ମୋଶା ଯିଥ୍ରୋଙ୍କ ନିକଟକୁ ଫେରି ଆସିଲେ, ନିଜର ଜୀନିଷପତ୍ର ଧରି ମିଶରକୁ ଗଲେ ।



19

ପରମେଶ୍ୱର ମୋଶାଙ୍କୁ ବ୍ୟବହାର
କଲେ, ପର୍ବତରେ ତାଙ୍କ ଭାଇ
ହୋରୋଣ ମୋଶାଙ୍କୁ ଭେଟିଲେ ।
ମୋଶା ପରମେଶ୍ୱରଙ୍କ ସମସ୍ତ
ଯୋଜନା ସେ ଯେ ଏବ୍ରୀୟମାନଙ୍କୁ
ମିଶର ଦେଶରୁ ମୁକ୍ତକରିବା
ବିଷୟରେ ହାରୋଣଙ୍କୁ
କହିଲେ ।



20

ସେ ଦୁହେଁ ମିଶି ଏହି ସମ୍ବାଦ ଏବ୍ରୀୟମାନଙ୍କ ପ୍ରାଚ଼ିନ ବର୍ଗଙ୍କୁ ଜଣାଇଲେ । ଯେତେବେଳେ ମୋଶା ଏବ୍ରୀୟ ପ୍ରାଚ଼ିନ ବର୍ଗଙ୍କୁ ସେହି ଚ଼ିହ୍ନ ପ୍ରକାଶ କଲେ, ସେମାନେ ଜାଣିଥିଲେ, ପରମେଶ୍ୱର ନିଷ୍ଟତଭାବରେ ସେମାନଙ୍କୁ ସାହାଯ୍ୟ କରିବେ । ସେ ଦୁହେଁ ପ୍ରଣାମ କରି ଉପାସନା କଲେ ।



21

ଦାମ୍ଭିକତାର ସହିତ, ମୋଶା ଓ ହାରୋଣ ଫାରୋଙ୍କ ନିକଟକୁ ଗଲେ । ଇସ୍ରାଏଲର ସଦାପ୍ରଭୁ ପରମେଶ୍ୱର କହନ୍ତି, ଆମ୍ଭ ଲୋକମାନଙ୍କୁ ଯିବାକୁ ଛାଡ଼ିଦିଅ । ସେମାନେ ଫାରୋଙ୍କୁ କହିଲେ ।



22

ମୁ ସେହି ଇସ୍ରାଏଲୀୟମାନଙ୍କୁ ଯିବାକୁ ଦେବି ନାହିଁ, ଫାରୋ ଉତ୍ତର ଦେଲେ । ସେ ପରମେଶ୍ୱରଙ୍କ ବାଧ୍ୟ ହେବାନାହିଁ ।



23

ଏବେ ଫାରୋଙ୍କ ମନ ବଦଳାଇବା ନିମନ୍ତେ ପରମେଶ୍ୱରଙ୍କୁ ହିଁ ନିଜ ମହାନଶକ୍ତି ବ୍ୟବହାର କରିବାକୁ ପଡ଼ିବ ।



24

ରାଜକୁମାର ମେଷପାଳକ ହେଲା

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଯାତ୍ରାପୁସ୍ତକ ୨-୫

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।